**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**11 February - 2026**

# ପାଇପ୍ ଜଳ ସମୀକ୍ଷା-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନଠାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସଂପର୍କରେ ସମୀକ୍ଷା କରିଛନ୍ତି । ଶ୍ରୀ ମାଝୀ ୨୦୨୭ ମସିହା ମାର୍ଚ୍ଚ ମାସ ସୁଦ୍ଧା ସବୁ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଣ ସୁବିଧା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକଳ୍ପ ପାଇଁ ୫୪ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ବର୍ତ୍ତମାନ ରାଜ୍ୟର ୨୧ ହଜାର ୭୨୧ଟି ଗ୍ରାମରେ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ରହିଥିବା ବୈଠକରୁ ଜଣାପଡ଼ିଛି ।

# ଜିତେନ୍ଦ୍ର-ଓଡ଼ିଶା ମିନିଷ୍ଟର

ଦେଶର ପୂର୍ବ ଉପକୂଳ ରଣନୀତିରେ ଓଡ଼ିଶା ଏକ ପ୍ରମୁଖ କେନ୍ଦ୍ର ହେବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ଓଡ଼ିଶାର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଆଲୋଚନା ସମୟରେ ଡକ୍ଟର ସିଂହ କହିଛନ୍ତି, ସାମୁଦ୍ରିକ ସଂକଟ, ଖଣିଜ କରିଡ଼ର, ପରମାଣୁ ଏବଂ ମହାକାଶ ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିବ । ସମୁଦ୍ର ସମ୍ବନ୍ଧୀୟ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ନେଇ

କେନ୍ଦ୍ରୀୟ ପ୍ରତିଷ୍ଠାନଗୁଡ଼ିକ ଓଡ଼ିଶା ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଡକ୍ଟର ସିଂହ କହିଛନ୍ତି ।

## ବାଚସ୍ପତି ସମ୍ମିଳନୀ

ମହାରାଷ୍ଟ୍ର ବିଧାନସଭାରେ ଭାରତୀୟ ସମ୍ବିଧାନର ଦଶମ ସୂଚୀ ଅନୁଯାୟୀ ପରିବର୍ତ୍ତିତ ଧାରା ଅନୁରୂପ ବିଧାନସଭା ଅଧ୍ୟକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ଦୁଇଦିନିଆ ବାଚସ୍ପତି କମିଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ଦଶମ ଅନୁସୂଚୀ ଦଳବଦଳ ନିରୋଧ ଆଇନ ଭାବେ ପରିଗଣିତ । ଏହା ଦ୍ୱାରା ନିର୍ଦ୍ଦିଷ୍ଟ ଦଳ ମଧ୍ୟରେ ଘଟୁଥିବା ବିଶୃଙ୍ଖଳା ଓ ଦଳ ବିଦ୍ରୋହୀ କାର୍ଯ୍ୟ ଉପରେ ବହୁମାତ୍ରାରେ ଅଙ୍କୁଶ ଲଗାଇବା ସମ୍ଭବପର ହୋଇପାରୁଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି । କାର୍ଯ୍ୟକ୍ରମରେ  କମିଟିର ପରବର୍ତ୍ତୀ ବୈଠକ ଆସନ୍ତା ଏପ୍ରିଲ୍ ମାସରେ ଭୁବନେଶ୍ୱର କିମ୍ବା ପୁରୀଠାରେ ଅନୁଷ୍ଠିତ ହେବା ନେଇ ସହମତି ପ୍ରକାଶ ପାଇଛି ।

## ଧାନ ସଂଗ୍ରହ-ମୁଖ୍ୟ ଶାସନ ସଚିବ- ବୈଠକ

ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମିଲର୍‌ମାନଙ୍କ ସମସ୍ୟାର ସମାଧାନ ସଂପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । ଭୁବନେଶ୍ୱରରେ ଅନୁଷ୍ଠିତ ବୈଠକରେ ୨୦୨୪-୨୫ ଖରିଫ୍ ଋତୁରେ ସଂଗୃହୀତ ଧାନ ଅନୁସାରେ କଷ୍ଟମ୍ ମିଲିଂ ଓ ଚାଉଳ ଯୋଗାଣ ସଂପର୍କରେ

ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ମିଲର୍‌ମାନେ ଧାନ ସଂଗ୍ରହ ଓ ଚାଉଳ ପରିବହନ ବାବଦକୁ ପାଉଥିବା ଆର୍ଥିକ ସହାୟତା ଖର୍ଚ୍ଚରେ ବୃଦ୍ଧି ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ ।

## ଧାନ ସଂଗ୍ରହ

ନୂଆପଡ଼ା ଜିଲ୍ଲାରେ ଚାଷୀମାନଙ୍କଠାରୁ  ପ୍ରାୟ ୨୪ଲକ୍ଷ ୫୦ ହଜାର ୮୪୫ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ଜିଲ୍ଲାରୁ ସର୍ବମୋଟ୍ ୨୫ଲକ୍ଷ ୨୪ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ମଣ୍ଡିରେ ଧାନ ସଂଗ୍ରହ କାର୍ଯ୍ୟ ଚାଲିଛି ।

## ଜାତୀୟ କର୍ମଶାଳା

ଭୁବନେଶ୍ୱରରେ ଆଜିଠାରୁ ଜାଇକା ସହାୟତାପ୍ରାପ୍ତ ବନୀକରଣ ପ୍ରକଳ୍ପ ସମୂହ ସଂପର୍କରେ ୧୪ତମ ଜାତୀୟ କର୍ମଶାଳା ଆରମ୍ଭ ହେଉଛି । ଏଥିରେ ଭବିଷ୍ୟତ ବନାଞ୍ଚଳ ପାଇଁ ପ୍ରସ୍ତୁତି ସହ ଜଳବାୟୁ ସହନଶୀଳତା, ଡିଜିଟାଲ ରୂପାନ୍ତରଣ ଏବଂ ସ୍ଥାୟୀ କାଷ୍ଠ ସମ୍ବଳିତ ଅର୍ଥନୀତି ସଂପର୍କରେ ଆଲୋଚନା ହେବ । କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗ ଦେବେ ବୋଲି ଜଣାପଡ଼ିଛି ।

## ବିଧାନସଭା ଷ୍ଟାଣ୍ଡିଂକମିଟି ଗସ୍ତ

ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ଷ୍ଟାଣ୍ଡିଂ କମିଟି ସମ୍ବଲପୁର ଜିଲ୍ଲାକୁ ୫ ଦିନିଆ ଗସ୍ତରେ ଯାଇ ବିଭିନ୍ନ ପ୍ଲାଣ୍ଟ ବୁଲିବା ସହ ଦେବ୍ରୀଗଡ଼ ଅଭୟାରଣ୍ୟ ପରିଦର୍ଶନ କରିଛନ୍ତି । କମିଟି

ପକ୍ଷରୁ ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

# ବୈଠକ

ଗଞ୍ଜାମ ଜିଲ୍ଲା ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୋଲସରା ବିଧାନସଭା କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ଯୋଜନାର ସମୀକ୍ଷା ସହ ଭବିଷ୍ୟତ ରୂପରେଖ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ।

# ଡଲ୍‌ଫିନ୍

ଓଡ଼ିଶା ଉପକୂଳରେ ଡଲ୍‌ଫିନ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇଛି । ୨୦୨୫-୨୬ ସର୍ଭେ ଅନୁଯାୟୀ ଓଡ଼ିଶା ଉପକୂଳରେ ୭୬୫ଟି ଡଲ୍‌ଫିନ୍ ଥିବା ପିସିସିଏଫ୍ ପ୍ରେମ୍‌କୁମାର ଝା ସୂଚନା ଦେଇଛନ୍ତି ।

# ବନକଲାଗି

ଫାଲ୍‌ଗୁନ କୃଷ୍ଣ ଦଶମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ହକି

ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆରମ୍ଭ ହୋଇଛି । ପ୍ରଥମ ହକି ମ୍ୟାଚ୍‌ରେ ବେଲ୍‌ଜିୟମ’ ଆର୍ଜେଣ୍ଟିନାକୁ ପରାସ୍ତ କରିଥିଲା । ଆଜି ଭାରତ ଓ ବେଲ୍‌ଜିୟମ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

# ଇଣ୍ଟରନେଟ୍ ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ଇଣ୍ଟରନେଟ୍ ଦିବସ ପାଳିତ ହୋଇଯାଇଛି । ମାଲକାନଗିରି ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ସତର୍କତାର ସହ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଉପରେ ଆଲୋଚନା ହୋଇଥିଲା ।

ରାୟଗଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ମାର୍ଟଟେକ୍, ସୁରକ୍ଷିତ ଚୟନ- କୃତ୍ରିମ ବୁଦ୍ଧିମତ୍ତାର ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଉପରେ ସଚେତନତା ସୃଷ୍ଟି କରାଯାଇଥିଲା ।

କେନ୍ଦ୍ରାପଡ଼ାରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ଉପଲକ୍ଷେ ସରକାରୀ ପଲିଟେକ୍‌ନିକ୍ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର୍. ଆୟାର ସାଇବର ସୁରକ୍ଷା ଓ ଇଣ୍ଟରନେଟ୍‌ର ସର୍ବୋତ୍ତମ ବ୍ୟବହାର ସଂପର୍କରେ ଛାତ୍ରଛାତ୍ରୀମାନଙ୍କ ସହ ମତ ବିନିମୟ କରିଥିଲେ ।